


୨୦୦୫ ମସିହା ଅପ୍ରିଲ - ମେ | କଟକ, ଓଡ଼ିଶା | ସଂଖ୍ୟା - ୧

ଗୋଲକ ବିହାରୀ ନାଏକ, ମନ୍ତ୍ରୀ,
ମତ୍ସ୍ୟ ଓ ପଶୁସମ୍ପଦ, ବୟନ
ଓ ହସ୍ତତନ୍ତ, ଓଡ଼ିଶା



## "ବାର୍ତ୍ତା"

ପବିତ୍ର ଉତ୍କଳ ଦିବସରେ ଓଡ଼ିଶା ପଶୁସମ୍ପଦ ବିକାଶ ସମିତିର ମୁଖପତ୍ର "ବିକାଶ"ର ପ୍ରଥମ ସଂସ୍କରଣ ପ୍ରକାଶ ପାଇବା ଏକ ଅତ୍ୟନ୍ତ ସୁଖର ବିଷୟ ।

ମୁଁ ଆଶା କରେ ଏହି ଦ୍ୱିମାସିକ ମୁଖପତ୍ର ଆମ ରାଜ୍ୟର ଚାଷୀ ତଥା ବିଭାଗୀୟ କର୍ମକର୍ତ୍ତାମାନଙ୍କ ପାଇଁ ଅନେକ ଉପାଦେୟ ତଥ୍ୟ ପରିବେଷଣ କରି ପଶୁପାଳନ ମାଧ୍ୟମରେ ଗ୍ରାମାଞ୍ଚଳର ବିକାଶ ସାଧନରେ ସହାୟକ ହେବ ବୋଲି ମୋର ଆଶା ଓ ବିଶ୍ୱାସ ।

ଓଡ଼ିଶା ପଶୁସମ୍ପଦ ବିକାଶ ସମିତି ଦ୍ୱାରା ଏପରି ଏକ ଅଭିନବ ପଦକ୍ଷେପ ସ୍ୱାଗତଯୋଗ୍ୟ । ଏଣୁ ମୁଁ "ବିକାଶ"ର ପ୍ରକାଶନ ପାଇଁ ନିୟୋଜିତ ସମସ୍ତ କର୍ମକର୍ତ୍ତାମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ଏହି ମୁଖପତ୍ରର ଉତ୍ତରୋତ୍ତର ଉନ୍ନତି କାମନା କରୁଅଛି ।

ସ୍ୱା - ଗୋଲକ ବିହାରୀ ନାଏକ,

ସି. କେ. ବେଣୁଗୋପାଳ, ଆଇ.ଏ.ଏସ୍.
କମିଶନର ତଥା ଶାସନ ସଚିବ,
ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗ,
ଓଡ଼ିଶା, ଭୁବନେଶ୍ୱର



## "ବାର୍ତ୍ତା"

ଓଡ଼ିଶା ପଶୁସମ୍ପଦ ବିକାଶ ସମିତି, (OLRDS)ର ଦ୍ୱିମାସିକ ମୁଖପତ୍ର "ବିକାଶ"ର ପ୍ରଥମ ସଂସ୍କରଣ ପ୍ରକାଶନ ପାଇଁ ମୁଁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଅଛି ।

ପଶୁସମ୍ପଦ ବିକାଶ ମାଧ୍ୟମରେ ସମଗ୍ର ଓଡ଼ିଶାରେ ଆତ୍ମନିଯୁକ୍ତି, ପୁଷ୍ଟିସାର ଖାଦ୍ୟ ପାଇବାର ସୁବିଧା ଓ ରୋଜଗାରର ପନ୍ଥା ମିଳିବା ପାଇଁ ସୁଯୋଗ ସୃଷ୍ଟି କରାଯାଉଅଛି ।

ଓଡ଼ିଶା ପଶୁସମ୍ପଦ ବିକାଶ ସମିତି ପଶୁ ସମ୍ପଦର ବିକାଶ ସାଧନରେ କ୍ରମାଗତ ଭାବରେ ପ୍ରଚେଷ୍ଟା କରିଆସୁଅଛି । ଏହି ଦ୍ୱିମାସିକ ମୁଖପତ୍ର "ବିକାଶ" ଚାଷୀ, ଉଦ୍ୟୋଗୀ, ସର୍ବସାଧାରଣ ଏବଂ ବିଭାଗୀୟ କର୍ମକର୍ତ୍ତାମାନଙ୍କ ପାଇଁ ଉପାଦେୟ ତଥ୍ୟ ଯୋଗାଇଦେବ ଏଥିରେ ସନ୍ଦେହ ନାହିଁ ।

ମୁଁ ଏହି ନୂତନ ସଂସ୍କରଣ "ବିକାଶ"ର ଉତ୍ତରୋତ୍ତର ଉନ୍ନତି କାମନା କରୁଅଛି ।

ସ୍ୱା - ସି.କେ. ବେଣୁଗୋପାଳ

## ସମ୍ପାଦକଙ୍କ କଲମରୁ



ପ୍ରତ୍ୟେକ ଯୋଜନା କାର୍ଯ୍ୟକ୍ରମର ସଫଳ ରୂପାୟନ କର୍ମଚାରୀମାନଙ୍କର ସେବାମୂଳକ କାର୍ଯ୍ୟପ୍ରଣାଳୀ ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭର କରେ । ରାଜ୍ୟ ସରକାରଙ୍କର ସେବା ଅନୁଷ୍ଠାନ ଭାବରେ ପଶୁଚିକିତ୍ସାଳୟ ଏବଂ ପଶୁ ସହାୟକ କେନ୍ଦ୍ର ଥିଲେ ମଧ୍ୟ ଜନସାଧାରଣଙ୍କ ପାଇଁ ଆବଶ୍ୟକୀୟ ସେବା ଉପଲବ୍ଧ ହେଉନାହିଁ । କର୍ମଚାରୀମାନେ ରାଜକୋଷରୁ ଦରମା ପାଇ ନିଜର ପରିବାର ପ୍ରତିପୋଷଣ କରୁଥିଲେ ମଧ୍ୟ ଏବଂ ବିଭିନ୍ନ ଅଳରେ ନିଜର ଘର ପାଖରେ ଥିବା ଅନୁଷ୍ଠାନରେ କାର୍ଯ୍ୟ କରିବାର ସୁବିଧା ପାଉଥିଲେ ମଧ୍ୟ ନିଜର ଦାୟିତ୍ୱହୀନତା ନିଶ୍ଚିତ ଭାବରେ ଏକ ଅକ୍ଷମଣୀୟ ଅପରାଧ ।

ପ୍ରଚଳିତ ତ୍ରି-ସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥାରେ ଲୋକ ପ୍ରତିନିଧିମାନଙ୍କୁ ଯୋଜନା କାର୍ଯ୍ୟକ୍ରମ ବିଷୟରେ ବିଶେଷଭାବରେ ଅବଗତ କରାଇ ଆବଶ୍ୟକୀୟ ସୁବିଧା ନେବାରେ ମଧ୍ୟ ଅବହେଳା କରୁଅଛନ୍ତି । ପ୍ରଚଳିତ କାର୍ଯ୍ୟକ୍ରମ ମଧ୍ୟରୁ କୃତ୍ରିମ ପ୍ରଜନନ ଏବଂ ପଶୁରୋଗ ଚିକିତ୍ସା କାର୍ଯ୍ୟକ୍ରମ ଦୁଇଟି ବିଶିଷ୍ଟ କାର୍ଯ୍ୟକ୍ରମ ହୋଇଥିଲେ ମଧ୍ୟ କର୍ମଚାରୀମାନଙ୍କର ଅବହେଳା କାରଣରୁ ଜନସାଧାରଣ ବିଶେଷ ଉପକୃତ ହୋଇପାରୁନାହାନ୍ତି ।

ମୋର ଆଶଙ୍କା ଯେ କେତେକ କ୍ଷେତ୍ରସ୍ତରୀୟ କର୍ମଚାରୀ ମଧ୍ୟ ପ୍ରଚଳିତ କାର୍ଯ୍ୟକ୍ରମ ବିଷୟରେ ଅଜ୍ଞ ରହିଛନ୍ତି ଓ ବିଭିନ୍ନ ସମୟରେ ନିୟମିତ ସରକାରୀ ନିର୍ଦ୍ଦେଶନାମା ବିଷୟରେ ଜାଣିବାକୁ ମଧ୍ୟ ଚେଷ୍ଟା କରୁନାହାନ୍ତି । ପଦୋନ୍ନତି ନ ପାଇବା ଏବଂ ରାସ୍ତା ଖର୍ଚ୍ଚ ନ ମିଳିବା ଏହି ଅବହେଳାର କାରଣ ହୋଇନପାରେ । ମାନସିକ ସ୍ତରରେ ଉନ୍ନତି ଆଣିବା ବର୍ତ୍ତମାନ ସମୟରେ ଏକାନ୍ତ ଆବଶ୍ୟକ ହୋଇପଡ଼ିଛି ।

ଏହି ପ୍ରକାଶନ ସେହି ଦିଗରେ କିଛି ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି । ଏହି ପ୍ରକାଶନ ମାଧ୍ୟମରେ ପ୍ରଚଳିତ କାର୍ଯ୍ୟକ୍ରମର ସମ୍ୟକ୍ ବିବରଣୀ, ବିଭିନ୍ନ ସରକାରୀ ନିର୍ଦ୍ଦେଶନାମା ଏବଂ କେତେକ ସଫଳ କାହାଣୀ ପ୍ରକାଶିତ ହେବ । ମୋର ଦୃଢ଼ ବିଶ୍ୱାସ ଯେ, ବିଭାଗର ସମସ୍ତ କର୍ତ୍ତବ୍ୟରତ କର୍ମଚାରୀମାନେ ନିଜର ଦାୟିତ୍ୱବୋଧ ସମ୍ପର୍କରେ ଅବଗତ ହୋଇ ଜନସାଧାରଣଙ୍କର ଉନ୍ନତି କଳ୍ପେ ନିଜର ମାନସିକ ସ୍ତରରେ ପରିବର୍ତ୍ତନ ଆଣିବାରେ ଚେଷ୍ଟିତ ହେବେ ।

ସ୍ୱା-ବିଜୟ କୁମାର ଧଳ, ଆଇ.ଏ.ଏସ୍.
ନିର୍ଦ୍ଦେଶକ, ପଶୁପାଳନ ଓ ପଶୁ ଚିକିତ୍ସା ନିର୍ଦ୍ଦେଶାଳୟ
ଓଡ଼ିଶା, କଟକ